# ସତ୍ୟବାଣୀ

# VOICE OF TRUTH

VOL - XXVIII KAKINADA MAR-APR-2022

## ନୂତନ ଜନ୍ମ

## (THE NEW BIRTH)

ପ୍ରଭୁ ଯୀଶୁଙ୍କ ସୁସମାଚାର ସେବାର ପ୍ରାରମ୍ଭ ବେଳାରେ ଯିହୂଦୀ ନେତା ନୀକଦୀମ ରାତ୍ରି ସମୟରେ ଯୀଶୁଙ୍କ ନିକଟକୁ ଆସି, ଈଶ୍ୱରଙ୍କ ରାଜ୍ୟ ବିଷୟରେ ଜାଣିବାକୁ ଚାହିଁଲେ । ସେ ରାତ୍ରି ସମୟରେ କାହିଁକି ପ୍ରଭୁଙ୍କ ନିକଟକୁ ଆସିଥିଲେ ସେ ବିଷୟରେ ବାଇବଲ ମୌନ ରହେ । ଯିହୂଦୀ ନେତା ନୀକଦୀମ ଜଣେ ଫାରୁଶୀ ଓ ଯିହୂଦୀ ମହାସଭା (Sanhedrin) ଯାହାକି ସେମାନଙ୍କ ଉଚ୍ଚସ୍ଥ ନ୍ୟାୟସ୍ଥାନ ଥିଲା, ତାହାର ସଭ୍ୟ ଥିଲେ । ସାଧୁ, ସରଳ ଓ ନମ୍ର ନୀକଦୀମଙ୍କ ଅଧିକ ଜାଣିବାର ଆକାଂକ୍ଷା, ଯୀଶୁଙ୍କ ନିକଟକୁ ଟାଣି ଆଣିଥିଲା । (ଯୋହନ ୭:୫୦-୫୨, ୧୯:୩୯) ପରମେଶ୍ୱର ସହବର୍ତ୍ତୀ ନଥିଲେ, ଯୀଶୁଖ୍ରୀଷ୍ଟ ଆଶ୍ଚର୍ଯ୍ୟ କ୍ରିୟା ସାଧନ କରି ନ ପାରନ୍ତି ବୋଲି ସାଧୁ ନୀକଦୀମ ବୁଝି ପାରିଥିଲେ । ପରମେଶ୍ୱରଙ୍କ ପ୍ରେରିତ ବିନା କେହି ଆଶ୍ଚର୍ଯ୍ୟ କର୍ମ କରି ପାରେ ନାହିଁ ବୋଲି ସେ ସମ୍ମତ ଥିଲେ । ଈଶ୍ୱରଙ୍କ ଇଚ୍ଛା ଜାଣିବା ନିମନ୍ତେ ସେ ସତ୍ୟର ଭଣ୍ଡାର - ଯୀଶୁଖ୍ରୀଷ୍ଟଙ୍କ ଶରଣାଗତ ହେଲେ ।

ନୀକଦୀମ ପ୍ରଭୁଙ୍କୁ କହିଲେ, ''ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ, ସେହି ସବୁ କେହି କରି ପାରେ ନାହିଁ'' (ଯୋହନ ୩:୨) ମନୁଷ୍ୟର ଅନ୍ତରର ଭାବ ବୁଝି ଯୀଶୁ ତାହାଙ୍କୁ ଉତ୍ତର ଦେଇ କହିଲେ, ''......ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ପୁନର୍ବାର ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖି ପାରେ ନାହିଁ ।'' (୩ୟ ପଦ) । ଯୀଶୁଙ୍କ ଉତ୍ତରତାହାଙ୍କ ବୁଝିବାରେ ବାହାର ଥିଲା । ସେ ପୁନଃର୍ବାର ପ୍ରଶ୍ନ କରି କହିଲେ, ''........ବୃଦ୍ଧ ହେଲେ ମନୁଷ୍ୟ କି ପ୍ରକାର ଜନ୍ମ ହୋଇପାରେ ? ସେ କଅଣ ଦ୍ୱିତୀୟ ଥର ଆପଣା ମାତା ଗର୍ଭରେ ପ୍ରବେଶ କରି ଜନ୍ମ ହୋଇପାରେ ? (ଯୋହନ ୩, ୪)



ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ''...........ସତ୍ୟ ସତ୍ୟ ମୁଁ ତୁମ୍ଭଙ୍କୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।'' (ଯୋହନ ୩:୫) ଜଳରୁ ଜନ୍ମ ଓ ଆତ୍ମାରୁ ଜନ୍ମ ଉଭୟ ଜନ୍ମ ଦ୍ୱାରା ମନୁଷ୍ୟ ନୂତନ ଜନ୍ମ ନିଏ । 'ନୂତନ ଜନ୍ମ'ର ଅର୍ଥ ଶାରିରୀକ ଭାବେ ପୁନଃର୍ବାର ଜନ୍ମ ଗ୍ରହଣ ନୁହେଁ, କିନ୍ତୁ ମନର ନୂତନୀକରଣ । ନୀକଦୀମଙ୍କ ଶାରିରୀକ ପୁନଃଜନ୍ମ ଯଦିଓ ସମ୍ଭବପର ହୋଇନଥାନ୍ତା, ଯୀଶୁଙ୍କ କଥାର ମର୍ମ ତାହା ନଥିଲା । ପ୍ରଭୁଯୀଶୁ ପ୍ରଥମେ ତାଙ୍କୁ ନୂତନ ଜନ୍ମର ଆବଶ୍ୟକତା ବୁଝାଇବା ସଙ୍ଗେ ସଙ୍ଗେ ତାହାର ଅର୍ଥ ମଧ୍ୟ ବୁଝାଇ ଦେଇଥିଲେ । ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶିବା ନିମନ୍ତେ ନୂତନ ଜନ୍ମ ନେବାର ଆବଶ୍ୟକତା ଯୀଶୁଙ୍କ ଉତ୍ତରର ମୁଖ୍ୟ ଭାବ ଥିଲା । ଏହି ଅଂଶ ମନୁଷ୍ୟମାନଙ୍କ ବାଦବିବାଦ ନିମନ୍ତେ ଏକ ଆକର୍ଷଣୀୟ ବିଷୟବସ୍ତୁ । ପ୍ରକୃତରେ 'ନୂତନ ଜନ୍ମ'ର ଅର୍ଥ ଜାଣିଲେ ମନୁଷ୍ୟମାନେ କିପରି 'ନୂତନ ଜନ୍ମ' ନେବାରେ ଆସକ୍ତ ହୋଇ ନ ପାରିବେ ?

ଏହି ବିଷୟବସ୍ତୁ ଅନେକଙ୍କ ନିମନ୍ତେ ଅବୁଝା ଓ ଜଟିଳ ହୋଇଅଛି । ଆମ୍ଭମାନଙ୍କ ପରିତ୍ରାଣର ପାହାଚ ଗୁଡ଼ିକ ପ୍ରଭୁଙ୍କ ବାକ୍ୟରେ ବ୍ୟକ୍ତ କରାଯିବା ବିଷୟ ଆମ୍ଭମାନଙ୍କ ଅଜ୍ଞାତ ନୁହେଁ । ତେବେ ବାକ୍ୟଗୁଡ଼ିକ ସରଳଭାବେ ବିଶ୍ଳେଷଣ କଲେ । ସେହି ମାର୍ଗର ସନ୍ଧାନ ପାଇପାରିବା ।

### (୧) ଈଶ୍ୱରଙ୍କ ରାଜ୍ୟର ଅର୍ଥ :

ଯେଉଁ ଆତ୍ମିକ ଅନୁଷ୍ଠାନ ଯୀଶୁ ନିକଟ ଭବିଷ୍ୟତରେ ସ୍ଥାପିତ କରିବାକୁ ଉଦ୍ୟତ ଥିଲେ, ସେହି ମଣ୍ଡଳୀକୁ ସେ 'ଈଶ୍ୱରଙ୍କ ରାଜ୍ୟ ରୂପେ ଏଠାରେ ପରିଚିତ କରାନ୍ତି । (ମାଥିଉ ୧୬:୧୩-୧୯, ଏବ୍ରୀ ୧୨:୨୨, ୨୩, ୨୮) ''ଈଶ୍ୱରଙ୍କ ରାଜ୍ୟ'' ଦେଖିବାର ଅର୍ଥ ତାହାଙ୍କ ରାଜ୍ୟର ଆଶୀଷ ଅନୁଭବ କରିବା । ତାହାଙ୍କ ରାଜ୍ୟରେ ପ୍ରବେଶିବାକୁ ପ୍ରତ୍ୟେକଙ୍କୁ ନୂତନ ଜନ୍ମ ନେବା ଆବଶ୍ୟକ ।

ଯିହୁଦୀମାନେ ଏକ ସାମ୍ରାଜ୍ୟ ସ୍ଥାପନର ଅପେକ୍ଷାରେ ଥିଲେ । ପୁରାତନ ନିୟମାନୁଯାୟୀ ଯିହୂଦୀ ବଂଶଜାତ ପ୍ରତ୍ୟେକ ଧାର୍ମିକ ଓ ଅଧାର୍ମିକ ପ୍ରତ୍ୟେକ ସେହି ରାଜ୍ୟର ସଭ୍ୟ ଅଟନ୍ତି । ଏହି ଭ୍ରମଭାବ ଯୀଶୁ ନୀକଦୀମଙ୍କ ହୃଦୟରୁ ଦୂର କରିଥିଲେ ।

ଏକ ନୂତନ ରାଜ୍ୟ ଓ ଏକ ନୂତନ ନିୟମ ସ୍ଥାପନ କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । (ମାଥିଉ ୩:୭-୯; ଯିରିମିୟ ୩୧:୩୧-୩୩; ଏବ୍ରୀ ୮:୮-୧୨) ଯୀଶୁଙ୍କ ରାଜ୍ୟ ଆତ୍ମିକ ରାଜ୍ୟ ହୋଇଥିବାରୁ ସେହି ରାଜ୍ୟରେ ପ୍ରବେଶିବାକୁ ମନୁଷ୍ୟ ଆତ୍ମିକ ଭାବେ ନୂତନ ଜନ୍ମ ନେବା ଆବଶ୍ୟକ । ପରୋକ୍ଷ ଭାବେ ଯୀଶୁଙ୍କ କଥାର ମର୍ମ ଥିଲା, ''ନୀକଦୀମ, ଆଶ୍ଚର୍ଯ୍ୟକ୍ରିୟାଗୁଡ଼ିକ ମୋ ବିଷୟରେ ସାକ୍ଷ୍ୟ ଦିଏ । ତୁମେ ଜଣେ ଯିହୂଦୀ ନେତା ଥିବାରୁ ମୋହର ରାଜ୍ୟରେ ତୁମ୍ଭର ଅଧିକାର ଥିବାରଭାବନା ଏକ ଭ୍ରମ ଧାରଣା । ମୋହର ରାଜ୍ୟ ଏହି ସଂସାର ସମ୍ବନ୍ଧୀୟ ନୁହେଁ । ଯିହୂଦୀ ବଂଶଜାତ ପ୍ରତ୍ୟେକ ଯିହୂଦୀରାଜ୍ୟର ଅଧିବାସୀ, କିନ୍ତୁ ଈଶ୍ୱରଙ୍କ ରାଜ୍ୟବାସୀ ହେବା ନିମନ୍ତେ ମନୁଷ୍ୟକୁ ନୂତନ ଜନ୍ମ ନେବା ଆବଶ୍ୟକ ।

ନୂତନ ଜନ୍ମ ନ ହେଲେ କେହି ବି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ । ଈଶ୍ୱରଙ୍କ ରାଜ୍ୟର ଆଶୀଷ ସବୁ ଉପଭୋଗ କରିବା ନିମନ୍ତେ ପ୍ରତ୍ୟେକଙ୍କୁ ନିଶ୍ଚିତଭାବେ ନୂତନ ଜନ୍ମ ନେବା ଆବଶ୍ୟକ ।

## (୨) ନୂତନ ଜନ୍ମ : ଈଶ୍ୱରଙ୍କ ରାଜ୍ୟର ଦ୍ୱାର :

ଶାରିରୀକ ଜନ୍ମ ଓ ଆତ୍ମିକ ଜନ୍ମ ମଧ୍ୟରେ କେତୋଟି ସମାନତା ଥିବାରୁ, ଖ୍ରୀଷ୍ଟିୟାନ ଜୀବନରେ ପ୍ରବେଶ କରିବା କ୍ରିୟାକୁ ପ୍ରଭୁ ''ନୂତନ ଜନ୍ମ'' ପଦ ବ୍ୟବହୃତ କରିଅଛନ୍ତି । ପିତାଙ୍କ ଔରସରୁ ଜାତ ଶିଶୁ, ମାତାଙ୍କ ଦ୍ୱାରା ପ୍ରସବିତ ହୋଇଲାଳିତପାଳିତ ହୁଏ । ଜନ୍ମିତ ଶିଶୁ ଯେପରି ଏକ ସ୍ଥିତିରୁ ଅନ୍ୟ ଏକ ସ୍ଥିତିକୁ ପରିବର୍ତ୍ତିତ ହେଉଥାଏ, ସେହିପରି ପାପସ୍ଥିତିରୁ ଆତ୍ମିକ ସ୍ଥିତିକୁ ମନୁଷ୍ୟ ପରିବର୍ତ୍ତିତ ହୋଇ ଖ୍ରୀଷ୍ଟିୟାନ ହୋଇଥାଏ । ଆତ୍ମିକଭାବେ ଏହି ପରିବର୍ତ୍ତନକୁ ''ନୂତନ ଜନ୍ମ'' ବା ''ମଣ୍ଡଳୀରେ ସଂଯୁକ୍ତ'' ବୋଲି କୁହାଯାଇଅଛି । (ମାଥିଉ ୧୮:୩, ପ୍ରେରିତ ୧୫:୩, ୧୧:୨୪, ୫:୧୪; ୨:୪୧, ୪୭) ନୂତନ ଜନ୍ମର ଅର୍ଥ ଈଶ୍ୱରଙ୍କ ରାଜ୍ୟରେ ଆତ୍ମିକଭାବେ ଜନ୍ମ ନେବା ।

## III) ''ଜଳ ଓ ଆତ୍ମାରୁ ଜନ୍ମ''ର ମର୍ମ :

ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ 'ନୂତନ ଜନ୍ମ' ନେବାର



ଆବଶ୍ୟକତା ଜାଣିଲୁ, ଏବେ 'ଜଳ ଓ ଆତ୍ମାରୁ ଜନ୍ମ'ର ମର୍ମ କଅଣ ବୁଝିବା : ଶାରିରୀକ ଜନ୍ମ ନିମନ୍ତେ (୧) ଗର୍ଭଧାରଣ (୨) ପ୍ରସବ ଯେପରି ଆବଶ୍ୟକ, ଆତ୍ମିକ ଜନ୍ମ ନିମନ୍ତେ ମଧ୍ୟ ଆମ୍ଭମାନଙ୍କୁ ଏହି ଦୁଇ ବିଷୟର ଆବଶ୍ୟକତା ଥାଏ ।

(୧) ଜାତ ହେବା ବିନୁ ଯେପରି ଜୀବନ ଆରମ୍ଭ ହୁଏ ନାହିଁ, ଆମ୍ଭେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ପିତା ଈଶ୍ୱରଙ୍କ ଠାରୁ ଜାତ ହୋଇ ଅଛୁ । (ମାଥିଉ ୬-୯, ରୋମୀୟ ୧:୭, ୧ମ ଯୋହନ ୩:୧,୨) । ''ଯେକେହି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କରେ, ସେ ଈଶ୍ୱରଙ୍କ ଠାରୁ ଜାତ........'' (୧ମ ଯୋହନ ୫:୧, ୨:୨୯; ୪:୭)

ଜଣେ ସତ୍ୟବାକ୍ୟ ଦ୍ୱାରା ଜାତ ହୁଏ । ''..............ଏଥିନିମନ୍ତେ ସେ ଆପଣା ଇଚ୍ଛାନୁସାରେ ସତ୍ୟବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ଜନ୍ମ ଦେଲେ ।'' (ଯାକୁବ ୧:୧୮) ''.......... ବିହନ ଈଶ୍ୱରଙ୍କ ବାକ୍ୟ ।'' (ଲୁକ ୮-୧୧) । ''ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନଃର୍ଜାତ ହୋଇଅଛ ।.............. କିନ୍ତୁ ଈଶ୍ୱରଙ୍କ ବାକ୍ୟ ଅନନ୍ତକାଳସ୍ଥାୟୀ । ଏହା ସେହି ସୁସମାଚାର ବାକ୍ୟ, ଯାହା ତୁମ୍ଭମାନଙ୍କ ନିକଟରେ ପ୍ରଚାରିତ ହୋଇଅଛି ।'' (୧ମ ପିତର ୧:୨୩, ୨୫)

ସୁସମାଚାର ବାକ୍ୟ ଦ୍ୱାରା ପିତା ପରମେଶ୍ୱର ଆତ୍ମିକ ଜନ୍ମ ଦିଅନ୍ତି । ତାହାଙ୍କ ବାକ୍ୟରେ ଜୀବନ ଥାଏ । ପବିତ୍ର ଆତ୍ମାଙ୍କ ଚାଳନାରେ ଈଶ୍ୱରଙ୍କ ଭକ୍ତମାନେ ଏହି ପବିତ୍ର ବାଇବଲ ଲେଖିଥିଲେ । ପବିତ୍ର ଆତ୍ମା ମନୁଷ୍ୟମାନଙ୍କୁ ସମସ୍ତ ସତ୍ୟରେ କଢ଼ାଇ ନେବେ ବୋଲି ଯୀଶୁଖ୍ରୀଷ୍ଟ ପ୍ରେରିତମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । (ଯୋହନ ୧୬:୧୩) ପବିତ୍ର ଆତ୍ମାଙ୍କ ଦତ୍ତ ଶକ୍ତି ଦ୍ୱାରା ପ୍ରେରିତମାନେ କଥା କହିଥିଲେ । ସେମାନଙ୍କ ଦ୍ୱାରା ଲିଖିତ ସୁସମାଚାର ନୂତନ ନିୟମରେ ପରିଚିତ, ଯେଉଁଥିରେ ଆମ୍ଭମାନଙ୍କ ଆବଶ୍ୟକୀୟ ପରିତ୍ରାଣଦାୟକ ବାର୍ତ୍ତା ଲିପିବଦ୍ଧ ହୋଇଅଛି, ଅତଏବ, ମନୁଷ୍ୟ ପିତା ଈଶ୍ୱରଙ୍କ ଦତ୍ତ ବାକ୍ୟରେ ବିଶ୍ୱାସ କରି ଆତ୍ମିକ ଭାବେ ନୂତନ ଜନ୍ମ ନିଏ । ସୁସମାଚାରର ବାକ୍ୟ ଦ୍ୱାରା ଆତ୍ମା ମନୁଷ୍ୟ ହୃଦୟରେ ପ୍ରବେଶ କରନ୍ତି । ଯେଉଁମାନେ ସେହି ବାକ୍ୟକୁ ଆପଣା ହୃଦୟରେ ସ୍ଥାନ ଦେଇ, ଗ୍ରହଣ କରନ୍ତି

ସେମାନେ ଆତ୍ମିକଭାବେ ନୂତନ ଜନ୍ମ ନେଇଥାନ୍ତି ।

ଆତ୍ମିକ ବୀହନ ରୂପ ବାକ୍ୟ ସଙ୍ଗେ ସଙ୍ଗେ ପରମେଶ୍ୱର, ମନୁଷ୍ୟମାନଙ୍କୁ ମଧ୍ୟ ନୂତନ ଜନ୍ମର ଅସ୍ତ୍ର ରୂପେ ବ୍ୟବହାର କରନ୍ତି । କରନ୍ତୀ ମଣ୍ଡଳୀକୁ ପାଉଲ କହନ୍ତି, ''..........କାରଣ ଖ୍ରୀଷ୍ଟଯୀଶୁଙ୍କ ଠାରେ ମୁଁ ତୁମ୍ଭମାନଙ୍କୁ ସୁସମାଚାର ଦ୍ୱାରା ଜନ୍ମ ଦେଇଅଛି ।'' (୧ମ କରନ୍ତୀ ୪:୧୫) । ପାଉଲଙ୍କ ଈଶ୍ୱରଙ୍କ ବାକ୍ୟ ପ୍ରଚାର ଦ୍ୱାରା କରିନ୍ଥୀୟମାନେ ନୂତନ ଜନ୍ମ ପାଇଥିଲେ ଅତଏବ ଈଶ୍ୱରଙ୍କ ଲିଖିତ ବାକ୍ୟ ଦ୍ୱାରା କିମ୍ବା ତାହାଙ୍କ ସେବକମାନଙ୍କ ପ୍ରଚାରିତ ପ୍ରଚାର ଦ୍ୱାରା ମନୁଷ୍ୟମାନଙ୍କ ହୃଦୟରେ ବୀଜ ବପନ ହୁଏ ଏବଂ ବିଶ୍ୱାସୀ ନୂତନ ଜନ୍ମ ନିଏ । (୧ମ ଯୋହନ ୫:୧, ୩:୮, ୧ମ କରନ୍ତୀ ୪:୧୫) ଅତଏବ, 'ଈଶ୍ୱରଙ୍କ ଠାରୁ ଜାତ', 'ଆତ୍ମାରୁ ଜାତ', 'ସୁସମାଚାରରୁ ଜାତ' ସମଭାବାପନ୍ନ ପଦଗୁଡ଼ିକ । ନୂତନ ଜନ୍ମ ଦେବାର ଶକ୍ତି କେବଳ ଈଶ୍ୱରଙ୍କ ବାକ୍ୟରେ ନିହିତ ହୋଇଅଛି । ଯାହା ବିନୁ 'ନୂତନ ଜନ୍ମ' ନାହିଁ । ଈଶ୍ୱରଙ୍କ ବାକ୍ୟ ଶ୍ରବଣରୁ ବିଶ୍ୱାସ ଜାତ ହୁଏ (ରୋମୀୟ ୧୦:୧୭)

ଈଶ୍ୱରଙ୍କ ବାକ୍ୟ ମନୁଷ୍ୟ ହୃଦୟରେ ଅଙ୍କୁରିତ ହେବା ଦ୍ୱାରା ମନୁଷ୍ୟ ନୂତନ ଜନ୍ମ ନିଏ ନାହିଁ । କିନ୍ତୁ ସେହି ବାକ୍ୟ ଗ୍ରହଣ କରି ତଦନୁଯାୟୀ ଆଚରଣ କଲେ ନୂତନ ଜନ୍ମ ନେଇଥାଏ । ବାକ୍ୟ କହେ, ''ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେମାନଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ । ସେମାନେ ରକ୍ତରୁ, ଶରୀରର ଇଚ୍ଛାରୁ ଅବା ମନୁଷ୍ୟର ଇଚ୍ଛାରୁ ଜାତ ହେଲେ ନାହିଁ, ବରଂ ଈଶ୍ୱରଙ୍କ ଠାରୁ ଜାତ ହେଲେ ।'' (ଯୋହନ ୧:୧୧-୧୩) ବିଶ୍ୱାସ କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ଈଶ୍ୱରଙ୍କ ରୂପେ ଗ୍ରାହ୍ୟ ହୁଏ ନାହିଁ ବରଂ ତାହାଙ୍କ ବାକ୍ୟ ପାଳନ କରିବା ଆବଶ୍ୟକ । (ଯାକୁବ ୨:୨୪; ଯୋହନ ୧୨:୪୨, ୪୩) ତାହାଙ୍କ ନାମରେ ବିଶ୍ୱାସ ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ପୁତ୍ର ହୋଇପାରେ ନାହିଁ, ବରଂ ଈଶ୍ୱରଙ୍କ ପୁତ୍ର ହେବା ନିମନ୍ତେ ମନୁଷ୍ୟକୁ ପ୍ରସ୍ତୁତ କରେ । ଶାରିରୀକ ଜନ୍ମ ଯେପରି, ସେପରି ଆତ୍ମିକଭାବେ ମଧ୍ୟ ପ୍ରଥମେ ଈଶ୍ୱରଙ୍କ ବାକ୍ୟ ମନୁଷ୍ୟ ହୃଦୟରେ ଅଙ୍କୁରିତ ହୁଏ,



ତତ୍‌ପରେ ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ନୂତନ ଜନ୍ମ ଲାଭ କରେ ।

## (୩) ନୂତନ ଜନ୍ମ ନିମନ୍ତେ ମନୁଷ୍ୟକୁ 'ଜଳରୁ ଜାତ' ଅର୍ଥାତ୍ ବାପ୍ତିଜିତ ହେବା ଆବଶ୍ୟକ :

ଯଦିଓ ନୂତନ ଜନ୍ମର ଅର୍ଥ ବୁଝାଇବା ନିମନ୍ତେ ଶାରିରୀକ ଜନ୍ମକୁ ଉଦାହରଣ ସ୍ୱରୂପ ଦିଆ ଯାଇଅଛି । ଏଠାରେ ବ୍ୟବହୃତ ଜଳ ଓ ଆତ୍ମା ଅଳଙ୍କାର ରୂପରେ କୁହାଯାଏ ନାହିଁ । ଜଳ ଓ ଆତ୍ମାର ଜନ୍ମ ନୀକଦୀମକୁ ବୁଝିବା କଷ୍ଟକର ନଥିଲା । ବାପ୍ତିସ୍ମ ବିଷୟରେ ଆଜିର ଦୁନିଆରେ ଅନେକ ଭ୍ରମ ଭାବ ରହିଅଛି । କିନ୍ତୁ ଯୋହନ ୨:୭ ଓ ଯୋହନ ୩:୫ ବାକ୍ୟରେ ଥିବା 'ଜଳ'ର ଅର୍ଥ ଜଳ ଛଡ଼ା ଆଉ କିଛି ନାହିଁ । ଅନେକେ 'ଜଳ'ର ଅର୍ଥ 'ଆତ୍ମା' ବୋଲି ଦାବୀ କରିଥାନ୍ତି । ତାହା ହେଲେ ଯୋହନ ୩:୫ର ଅର୍ଥ ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।'' ଏହା କି ଏକ ଅଜବ ବାକ୍ୟ ନୁହେଁ ! ପୁନଶ୍ଚ, ମଣ୍ଡଳୀ ବିଷୟରେ ପାଉଲ ଏଫିସୀ ମଣ୍ଡଳୀକୁ କହନ୍ତି, ''ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାଙ୍କୁ ପରିଷ୍କାର କରି ପବିତ୍ର କରନ୍ତି ।'' (ଏଫିସୀ ୫:୨୬) । ଯଦି ଜଳ ଓ ଆତ୍ମା ସମାନ ହୋଇଥାନ୍ତା ପାଉଲ ଏହା କହିନଥାନ୍ତେ । ପୁନଶ୍ଚ, ''ଜୀବନ୍ତ ଜଳ'' (ଯୋହନ ୪:୧୦, ୭:୩୮, ପ୍ରକାଶିତ ୨୨:୧୭)ର ଅର୍ଥ ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀଷ । ତାହା କେବଳ ଖ୍ରୀଷ୍ଟଙ୍କ ଠାରେ ନୂତନ ଜନ୍ମ ଲାଭ କରିବା ଲୋକେ ପ୍ରାପ୍ତ ହୋଇଥାନ୍ତି । ଯୀଶୁ କିନ୍ତୁ ନୀକଦୀମଙ୍କୁ ''ଜୀବନ୍ତ ଜଳ''ରୁ ଜାତ ହେବା ଆବଶ୍ୟକ ବୋଲି ନ କହି, ''ଜଳରୁ ଓ ଆତ୍ମା''ରୁ ଜନ୍ମ ନେବା ଆବଶ୍ୟକ ବୋଲି କହିଥିଲେ ।

''ଜଳରୁ ଜନ୍ମ''ର ଅର୍ଥ ଶାରିରୀକ ଜନ୍ମ ଓ ''ଆତ୍ମାରୁ ଜନ୍ମ''ର ଅର୍ଥ ନୂତନ ଜନ୍ମ ବୋଲି ଅନେକେ ଏହି ବାକ୍ୟର ଭାବ ପ୍ରକଟ କରିଥାନ୍ତି । ଯୀଶୁ, ''ଜଣେ ଶିଶୁ ଜଳରୁ ଜାତ ଓ ମନୁଷ୍ୟ ଆତ୍ମାରୁ ଜାତ ନହେଲେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ ବୋଲି ନ କହି, ''ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ବୋଲି କହିଥିଲେ ।'' (ଯୋହନ ୩:୫) କାରଣ

'ଜଳରୁ ଜନ୍ମ' ଅର୍ଥ ଶାରିରୀକ ଜନ୍ମ ନୁହେଁ । ଅତଏବ, ଯୀଶୁ ନୀକଦୀମଙ୍କୁ ପୁନଃର୍ବାର ଶାରିରୀକ ଭାବେ, ଜନ୍ମ ହେବା ନିମନ୍ତେ ନୁହେଁ କିନ୍ତୁ ଜଳରେ ବାପ୍ତିଜିତ ହେବା ନିମନ୍ତେ କହିଥିଲେ ବୋଲି ଏହି ବିଶ୍ଳେଷଣରୁ ଜାଣିପାରୁ ।

ପାପକ୍ଷମା ଓ ପରିତ୍ରାଣ ନିମନ୍ତେ ବାପ୍ତିସ୍ମ ନେବା ଆବଶ୍ୟକ, ଏହି ବିଷୟକୁ ଅଗ୍ରାହ୍ୟ କରିବା ଲୋକେ ଭ୍ରମ ମତବାଦ ଉଦ୍ଭାବନ କରନ୍ତି ଓ ପାଳନ କରନ୍ତି ତଥା ଶିକ୍ଷା ଦିଅନ୍ତି । ଯୋହନ ୩:୫ ରେ ଯୀଶୁ ବ୍ୟବହୃତ କରିଥିବା 'ଜଳର' ଅର୍ଥ ଯଦି ବାପ୍ତିସ୍ମ ନୁହେଁ ଆଉ କଅଣ ହୋଇପାରେ ? ଈଶ୍ୱର ରାଜ୍ୟର ଆଶୀଷ ସକଳ ଉପଭୋଗ କରିବାକୁ ଖ୍ରୀଷ୍ଟଙ୍କ ଆଜ୍ଞା ଦ୍ୱାରା ବାପ୍ତିସ୍ମ ଏକ ଅତି ପ୍ରୟୋଜନୀୟ ପାହାଚ ହୋଇଅଛି । ପ୍ରସିଦ୍ଧ ଇଂରେଜୀ ଐତିହାସିକ Willam Wall ଠାରୁ John Calvin ପର୍ଯ୍ୟନ୍ତ ପ୍ରତ୍ୟେକ ଲେଖକ ଓ ବାଇବଲ ପଣ୍ଡିତମାନେ ''ଜଳରୁ ଜନ୍ମ'ର ଅର୍ଥ 'ବାପ୍ତିସ୍ମ' ବୋଲି ଗ୍ରହଣ କରିଥିଲେ । ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତ୍ୟେକ ଇତିହାସ ଲେଖକ ଓ ପଣ୍ଡିତମାନେ ଏହାର ସମ୍ମତ ଥିଲେ । କିନ୍ତୁ ଆଧୁନିକ ଯୁଗରେ ବିଭିନ୍ନ ମତ ଉଦ୍ଭାବିତ ହୋଇଅଛି ବାପ୍ତିସ୍ମ ଛଡ଼ା ଆଉ କୌଣସି ଖ୍ରୀଷ୍ଟିୟ କର୍ମକ୍ରିୟାରେ ଜଳ ବ୍ୟବହାର କରାଯାଏ ନାହିଁ ।

ବାକ୍ୟାନୁଯାୟୀ, ବାପ୍ତିସ୍ମରେ ବିଶ୍ୱାସୀ ଜଳରେ ନିମଗ୍ନ କରାଯାଇ, ପୁନଃଉଥିତ ହୁଏ । ଏଥି ନିମନ୍ତେ ଯୀଶୁ ବାପ୍ତିସ୍ମକୁ ଜଳରୁ ଜନ୍ମ ରୂପେ କହି ଅଛନ୍ତି । ଆମ୍ଭମାନଙ୍କ ପ୍ରଭୁ କ୍ରୁଶୀୟ ମୃତ୍ୟୁଭୋଗୀ, ସମାଧି ପ୍ରାପ୍ତ ହୋଇ ''ମୃତମାନଙ୍କ ମଧ୍ୟରେ ପ୍ରଥମଜାତ'' ପୁନଃରୁଥିତ ହୋଇଥିଲେ । ଯଦି ସମାଧିରୁ ଉଠିବାର ଅର୍ଥ ମୃତ୍ୟୁଜାତ ହେବା, ତେବେ ଜଳରୁ ଉଠିବା ଅର୍ଥ ଜଳରୁ ଜାତ ହେବା । ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ଜଳରେ ସମାଧି ପ୍ରାପ୍ତ ହୋଇ ପୁନଃରୁଥିତ ହୁଏ । ଈଶ୍ୱରଙ୍କ ପରିତ୍ରାଣ ଯୋଜନାରେ 'ବାପ୍ତିସ୍ମ'ରେ ଡୁବିତ ହେବା ବ୍ୟତୀତ ଆଉ ଜଳର କିଛି ଆବଶ୍ୟକତା ନାହିଁ । ତେଣୁ ବାକ୍ୟ କହେ, ''ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନରେ ନୂତନ ଭାବରେ ଆଚରଣ କରୁ ।'' (ରୋମୀୟ ୬:୪) । ବାପ୍ତିସ୍ମରେ ଆମ୍ଭେମାନେ ଜଳରେ ସମାଧି ପାଇବା ବିଷୟ କଲସୀ ୨:୧୨ ପଦ ଆହୁରି ସୁସ୍ପଷ୍ଟ କରେ,



ଯାହା କହେ, ''ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍ଥାପିତ ହୋଇଅଛ ।''

ଅତଏବ, ଜଳରୁ ଜନ୍ମ ନେବା, ଜଳରେ ସମାଧି ପ୍ରାପ୍ତ ହେବା କିଅବା ଜୀବନରେ ନୂତନ ଭାବରେ ଆଚରଣ କରିବା ଏକ କ୍ରିୟାକୁ ବୁଝାଏ । ଅଳ୍ପ ଜଳବିନ୍ଦୁ ଦ୍ୱାରା ମନୁଷ୍ୟ ଜଳରେ ସମାଧି ପାଇବା ଅସମ୍ଭବ । ଈଶ୍ୱରଙ୍କ ଆଜ୍ଞାନୁଯାୟୀ, କୌଣସି ମନୁଷ୍ୟ ଉପରେ କୌଣସି କାରଣ ନିମନ୍ତେ ଜଳବିନ୍ଦୁ ଛିଞ୍ଚିବା ବିଷୟରେ ବାଇବଲ ମୌନ ରହେ । ଅତଏବ, ଯେଉଁମାନେ ଜଳରେ ଡୁବିତ ହୋଇନାହାନ୍ତି ସେମାନେ ନୂତନ ଜନ୍ମ ପ୍ରାପ୍ତ ହୋଇ ନାହାନ୍ତି ।

ପବିତ୍ର ଆତ୍ମାଙ୍କ ଚାଳନାରେ ବିଶ୍ୱାସୀ ଡୁବିତ ହୋଇଥାଏ । କାରଣ ଆତ୍ମାଙ୍କ ଦ୍ୱାରା ଲିଖିତ ବାକ୍ୟ ଶ୍ରବଣ କରି ବିଶ୍ୱାସ କରି ତାହାର ଆଜ୍ଞାବହ ହୋଇଥାଏ । ''.............ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀରର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଶରୀର ଅଟୁ, ସେହିପରି ମଧ୍ୟ ଖ୍ରୀଷ୍ଟ ।'' (୧ମ କରିନ୍ଥୀ ୧୨:୧୩) ବାପ୍ତିସ୍ମ ମାଧ୍ୟମରେ ଆତ୍ମା ଆମ୍ଭମାନଙ୍କୁ ଏକ ସ୍ଥିତିରୁ ଅନ୍ୟ ଏକ ସ୍ଥିତିକୁ ପରିବର୍ତ୍ତନ କରିବାରେ ସାହାଯ୍ୟ କରେ । ପାପ ଜୀବନ ପରିତ୍ୟାଗ କରି ନୂତନଭାବେ ଜୀବନଯାପନର ନିଶ୍ଚୟତାର ଅର୍ଥ ଆତ୍ମା ନୂତନ ଜନ୍ମ ପାଇବା । ବିଶ୍ୱାସୀ ଏହିପରିଭାବେ ଈଶ୍ୱରଙ୍କ ପ୍ରତି ଫେରି ବାପ୍ତିସ୍ମରେ ତାହାଙ୍କ ଆଜ୍ଞାବହ ହୋଇ ନୂତନ ଜୀବନଯାପନ କରିବା ନିମନ୍ତେ ପୁନଃରୁଥିତ ହୁଏ । ଏହିପରି ଭାବେ ମନୁଷ୍ୟ ଆତ୍ମାରେ ଜନ୍ମ ନେଇ ଆତ୍ମାଙ୍କ ନିୟମ ପାଳନ କରି ଖ୍ରୀଷ୍ଟିୟାନ ହୋଇଥାଏ ।''ଆତ୍ମାଙ୍କ ପରିଚାଳନାରେ ପ୍ରତ୍ୟେକ ମନ ପରିବର୍ତ୍ତନ ଆସିଥାଏ । ତାହାଙ୍କ ଅଦୃଶ୍ୟ ହସ୍ତ ତାହାଙ୍କ ବାକ୍ୟ ମାଧ୍ୟମରେ ମନୁଷ୍ୟ, ଆତ୍ମାରେ ନୂତନ ଜନ୍ମ ପ୍ରାପ୍ତ ହୋଇଥାଏ ।

ନୂତନ ଜନ୍ମ ମନୁଷ୍ୟର ସମ୍ବନ୍ଧରେପରିବର୍ତ୍ତନ ଆଣେ । ନୂତନ ଜନ୍ମ ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରେ । ତେଣୁ ପାଉଲ କହନ୍ତି, ''ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ ନୂତନ ବିଷୟ ସବୁ ହୋଇଅଛି ।''

(୨ୟ କରନ୍ତୀ ୫:୧୭)

ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିବା ନୂତନ ସୃଷ୍ଟି ହୋଇଥିବାରୁ, ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିବା ନୂତନ ଜୀବନରେ ପ୍ରବେଶ କରିବା । ତେବେ କେବେ ମନୁଷ୍ୟ ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିଥାଏ ? କାରଣ ବାକ୍ୟ କହେ, ''ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ।'' ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।''(ଗାଲାତି ୩:୨୭)

ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ପ୍ରତ୍ୟେକ ନୂତନ ସୃଷ୍ଟି । ଖ୍ରୀଷ୍ଟଙ୍କ ଠାରେ ନ ଥାଇ କେହି ନୂତନ ସୃଷ୍ଟି ହୋଇପାରନ୍ତି ନାହିଁ ଏବଂ ବାପ୍ତିସ୍ମ ବିନୁ କେହି ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିପାରନ୍ତି ନାହିଁ । ଖ୍ରୀଷ୍ଟଙ୍କ ଠାରେ ଥିବା ପ୍ରତ୍ୟେକ ନୂତନ ଭାବେ ଆଚରଣ କରିବା ନିମନ୍ତେ ଜଳ ସମାଧିରୁ ପୁନଃରୁଥିତ ହୋଇଅଛନ୍ତି । (ରୋମୀୟ ୬:୪)

ସୁସମାଚାର ପ୍ରଚାରରେ ବିଶ୍ୱାସ କରି ବାପ୍ତିଜିତ ହେବା ପରେ ନୂତନ ଜୀବନ ଆରମ୍ଭ ହୁଏ । କାରଣ ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ନୂତନ ଜୀବନରେ ପ୍ରବେଶ କରିବାର ସୁଯୋଗ ପାଇଥାଏ । ଜଳରେ ସମାଧିରୂପେ ବାପ୍ତିସ୍ମରେ ବାପ୍ତିଜିତ ପ୍ରତ୍ୟେକ ବିଶ୍ୱାସୀ ଏପରି ଭାବେ ଖ୍ରୀଷ୍ଟଙ୍କ ଠାରେ ଜଳ ଓ ଆତ୍ମରେ ଜନ୍ମ ଗ୍ରହଣ କରିଥାଏ ।

ଶୟତାନର ଅନ୍ଧକାର ରାଜ୍ୟରୁ ପାପକ୍ଷମା ପ୍ରାପ୍ତ ହୋଇ ବିଶ୍ୱାସୀ ନୂତନ ଜନ୍ମ ଦ୍ୱାରା ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାର ସୁଯୋଗ ପାଇଥାଏ । (କଲସୀ ୧:୧୩, ୧୪) ଯୋହନ ୩:୫ ପଦରେ ବର୍ଣ୍ଣିତ ଜଳ ଓ ଆତ୍ମାର ଜନ୍ମ ଦ୍ୱାରା ବିଶ୍ୱାସୀ ଏହି ସଂସାରରୁ ଈଶ୍ୱରଙ୍କ ପ୍ରିୟ ପୁତ୍ରଙ୍କ ରାଜ୍ୟକୁ ସ୍ଥାନାନ୍ତରିତ ହୁଏ । ଜଳର ଡୁବିନ ଏକମାତ୍ର କ୍ରିୟା ଅଟେ ଯାହା ଦ୍ୱାରା ବିଶ୍ୱାସୀର ଆତ୍ମା ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିଥାଏ । ସରଳଭାବେ, ନୂତନ ଜନ୍ମର ଅର୍ଥ ଖ୍ରୀଷ୍ଟିୟାନ ହେବା ।

ମନର ନୂତନୀକରଣ, ଶ୍ରବଣ ବାକ୍ୟ ଦ୍ୱାରା ଜାତ ବିଶ୍ୱାସ ଓ ତାହାଙ୍କ ବାକ୍ୟର ଆଜ୍ଞାବହ ହୋଇ ବାପ୍ତିଜିତ ହେବା ପ୍ରତ୍ୟେକ ନୂତନ ଜନ୍ମ ନେଇ ତାହାଙ୍କ ପ୍ରିୟ ପୁତ୍ରଙ୍କ ରାଜ୍ୟରେ ପ୍ରବେଶ କରିଅଛନ୍ତି ଏହି ପାହାଚ ବିନୁ ମନୁଷ୍ୟ ନୂତନ ଜନ୍ମ ଲାଭ



କରିପାରେ ନାହିଁ । ଶିଶୁ ବାପ୍ତିସ୍ମରେ ଶିଶୁ ବିଶ୍ୱାସ କରିବାରେ ଅକ୍ଷମ ଥିବାରୁ ଶିଶୁ ଆତ୍ମାରେ ନୂତନ ଜନ୍ମ ଗ୍ରହଣ କରିପାରେ ନାହିଁ । ଛିଞ୍ଚା ନା ଢ଼ଳା ବାପ୍ତିସ୍ମରେ ମନୁଷ୍ୟ ଜଳରେ ସମାଧି ପ୍ରାପ୍ତ ହୋଇପାରେ ନାହିଁ କି ଜଳରୁ ଉଠି ଆସିବାର ପ୍ରଶ୍ନ ନାହିଁ । ଏପରି ବାପ୍ତିସ୍ମରେ ବାପ୍ତିଜିତ ହେବା ଲୋକେ କେହି ନୂତନ ଜନ୍ମରେ ପ୍ରବେଶ କରି ପାରନ୍ତି ନାହିଁ ।

## (୪) ଆତ୍ମାର ନୂତନୀକରଣ :

ଯୀଶୁଖ୍ରୀଷ୍ଟଙ୍କ ଉତ୍ତର ନୀକଦୀମଙ୍କୁ ବୁଝି ନ ପାରିବାରୁ, ପୁନର୍ବାର ଯୀଶୁ ତାହାଙ୍କୁ କହିଲେ, ''ମାଂସରୁ ଯାହା ଜାତ, ତାହା ମାଂସ; ପୁଣି ଆତ୍ମାରୁ ଯାହା ଜାତ ତାହା ଆତ୍ମା ।'' (ଯୋହନ ୩:୬) ଅର୍ଥାତ୍ ଶାରିରୀକ ଜନ୍ମ ଶରୀର ଠାରୁ ଓ ଆତ୍ମିକ ଜନ୍ମ ଆତ୍ମା ଠାରୁ । ନୂତନ ଜନ୍ମ ଦ୍ୱାରା ମନୁଷ୍ୟ ଭାବନା, ପ୍ରେମାନୁରାଗରେ ପରିବର୍ତ୍ତନ ଆସେ । ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ଆନ୍ତରିକ ପୁରୁଷରେ ପରିବର୍ତ୍ତନ ଆସେ (୨ କରିନ୍ତୀ ୪:୧୬, ୫:୧, କଲସୀ ୩:୧୦, ଏଫିସୀ ୪:୨୪) ଶରୀର ଅପରିବର୍ତ୍ତନ ରହେ । ଅତଏବ, ନୂତନ ଜନ୍ମ ଦ୍ୱାରା ମନୁଷ୍ୟର ଆତ୍ମା ନୂତନୀକରଣ ହୁଏ । (ରୋମୀୟ ୧:୯; ୭:୨୨, ୨୫)

ନୂତନ ଜନ୍ମର ବିବରଣୀରେ ଚମତ୍କୃତ ନୀକଦୀମଙ୍କୁ ଯୀଶୁ କହିଲେ, ''ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭକୁ କହିଲି, ଏଥିରେ ଚମତ୍କୃତ ହୁଅ ନାହିଁ ।'' (୩:୭) ବାୟୁର ଉଦାହରଣ ଦେଇ ସେ କହିଲେ, ''ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, କିନ୍ତୁ ତାହା କେଉଁଠାରୁ ଆସେ, କେଉଁଠାକୁ ଯାଏ ତାହା ଜାଣ ନାହିଁ, ଆତ୍ମାଙ୍କ ଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହି ପ୍ରକାର ।'' ଖ୍ରୀଷ୍ଟଙ୍କ ଏହି ବାକ୍ୟ, ନୂତନ ଜନ୍ମରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବିଷୟରେ ଅନେକ ଭ୍ରମଧାରଣା ସୃଷ୍ଟି କରିଅଛି । ନୂତନ ଜନ୍ମରେ ପବିତ୍ର ଆତ୍ମା ଆଶ୍ଚର୍ଯ୍ୟ ଓ ପ୍ରତ୍ୟକ୍ଷଭାବେ କାର୍ଯ୍ୟ କରନ୍ତି ବୋଲି ଅନେକ ଏହି ବାକ୍ୟର ଭାବ ପ୍ରକାଶ କରିଥାନ୍ତି । ନୂତନ ଜନ୍ମ ଏକ ରହସ୍ୟମୟ । ଅବର୍ଣ୍ଣନୀୟ ଆନ୍ତରିକ ଅନୁଭବ ରୂପେ ସେମାନେ ମନେ କରନ୍ତି । ବାୟୁ ଯେପରି ଅଜାଣତଭାବେ ବହିଯାଏ, ସେପରି ପବିତ୍ର ଆତ୍ମା ମନୁଷ୍ୟମାନଙ୍କୁ ଆବରେ ବୋଲି ସେମାନଙ୍କ ମନୋଭାବ । କିନ୍ତୁ ଯୀଶୁଙ୍କ ଉତ୍ତରର ମର୍ମ ତାହା

ନୁହେଁ । ଆତ୍ମା ବାୟୁ ସଦୃଶ୍ୟ, କିମ୍ବା ନୂତନ ଜନ୍ମରେ ଆତ୍ମାଙ୍କ କାର୍ଯ୍ୟ ବାୟୁ ସଦୃଶ୍ୟ ବୋଲି କୁହାଯାଏ ନାହିଁ । ବାୟୁର ଉଦାହରଣ ଦ୍ୱାରା ପ୍ରଭୁ ଯୀଶୁ ଈଶ୍ୱରଙ୍କ ରାଜ୍ୟ ଅଦୃଶ୍ୟ ମନୁଷ୍ୟର ହୃଦୟ ଅଦୃଶ୍ୟ ଓ ତାହାର ପରିବର୍ତ୍ତନ ମଧ୍ୟ ଅଦୃଶ୍ୟଭାବେ ହୋଇଥାଏ ବୋଲି ବୁଝାଇ ଅଛନ୍ତି ।

ମନୁଷ୍ୟର ଇଚ୍ଛା ଅନିଚ୍ଛା ସତ୍ତ୍ୱେ, ବାୟୁ ସଦୃଶ୍ୟ ଆତ୍ମା ଏପାଖେ ସେପାଖେ ବହି ମନୁଷ୍ୟମାନଙ୍କ ହୃଦୟ ସ୍ପର୍ଶ କରନ୍ତି ବୋଲି ମନେ କରିବା ମୂର୍ଖତାର ବିଷୟ । ନୂତନ ଜନ୍ମରେ ପବିତ୍ର ଆତ୍ମା ସୁସମାଚାର ବାକ୍ୟ ଦ୍ୱାରା କାର୍ଯ୍ୟ କରନ୍ତି, ପ୍ରତ୍ୟକ୍ଷଭାବେ ନୁହେଁ । ଯଦି ପବିତ୍ର ଆତ୍ମା ପ୍ରତ୍ୟକ୍ଷ ଓ ଅଦ୍ଭୁତଭାବେ କାର୍ଯ୍ୟ କରୁଥାନ୍ତି, ସେ ପ୍ରତ୍ୟେକ ମନୁଷ୍ୟଙ୍କୁ ସ୍ପର୍ଶ କରିବା ଆବଶ୍ୟକ ନଚେତ୍, ପକ୍ଷପାତୀ ରୂପେ ପରିଗଣିତ ହେବେ । (ପ୍ରେରିତ ୧୦:୩୪, ୩୫) ଏହିସବୁ କାରଣ ବଶତଃ ପବିତ୍ର ଆତ୍ମା ପ୍ରତ୍ୟକ୍ଷଭାବେ କାର୍ଯ୍ୟ ସମ୍ପନ୍ନ ବିଷୟରେ ଯୋହନ ୩:୮ ପଦ କୁହେ ନାହିଁ ବୋଲି ଜାଣିପାରୁ ଖ୍ରୀଷ୍ଟଙ୍କ ସୁସମାଚାର ଶ୍ରବଣ କରି ବିଶ୍ୱାସ କରି ବାପ୍ତିଜିତ ହୋଇ ଜଣେ ଆତ୍ମାରୁ ଜନ୍ମ ନିଏ ।

## (୫) ନୂତନ ଜନ୍ମର ଉଦାହରଣ :

ପରିବର୍ତ୍ତନର ଅନେକ ଉଦାହରଣରୁ ଆମ୍ଭେମାନେ ନୂତନ ଜନ୍ମର ଅର୍ଥ ସରଳଭାବେ ବୁଝିପାରିବା । ମଣ୍ଡଳୀ ସ୍ଥାପିତ ହେବା ପରେ, ଅନେକ କିପରି ନୂତନ ଜନ୍ମ ନେଇ ସେଥିରେ ସଂଯୁକ୍ତ ହୋଇ ଥିଲେ । 'ପ୍ରେରିତ ମାନଙ୍କର କାର୍ଯ୍ୟର ବିବରଣ' ପୁସ୍ତକରେ ପଢ଼ିଥାଉଁ । ଯଦିଚ ପ୍ରେରିତମାନେ ''ତୁମ୍ଭେମାନେ ନୂତନ ଜନ୍ମ ନେବା ଆବଶ୍ୟକ'' ବୋଲି ସେମାନଙ୍କୁ ଆଜ୍ଞା ଦେଇନଥିଲେ । ତଥାପି ସେମାନଙ୍କ ପ୍ରଚାରର ମର୍ମ ଏହା ହିଁ ଥିଲା । ଅନେକ କିପରି ନୂତନ ଜନ୍ମ ଦ୍ୱାରା ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିଥିଲେ ନିମ୍ନଲିଖିତ ଘଟଣାବଳୀରୁ ଜାଣି ପାରିବା :-

(୧) ଯୀଶୁଖ୍ରୀଷ୍ଟଙ୍କ ପ୍ରତିଜ୍ଞାନୁଯାୟୀ ସମସ୍ତ ସତ୍ୟରେ କଢ଼ାଇବା ନିମନ୍ତେ ପ୍ରେରିତମାନଙ୍କ ଉପରେ ପବିତ୍ର ଆତ୍ମା ପେଣ୍ଟିକଷ୍ଟ ଦିନରେ ଅବତରଣ କରିଥିଲେ । (ଯୋହନ ୧୪, ୧୬, ୧୭, ୨୬;୧୫:୨୬, ୨୭ : ପ୍ରେରିତ ୧:୪-୮; ୨:୧-୪) ତାହାଙ୍କ କ୍ରୁଶୀୟ ମୃତ୍ୟୁ, ସମାଧି ଓ ପୁନଃରୁଥାନର ସୁସମାଚାର ପିତର ସେଦିନ



ପ୍ରଥମ ଥର ପାଇଁ ପ୍ରଚାର କରିଥିଲେ । ତାହାଙ୍କ ପ୍ରସଙ୍ଗରେ ଏକତ୍ରିତ ଜନତା ହୃଦୟରେ ବିଦୀର୍ଣ୍ଣ ହୋଇ ସେମାନଙ୍କୁ ପଚାରିଲେ, ''ଭାଇମାନେ, ଆମ୍ଭେମାନେ କଅଣ କରିବା ?'' ତେଣୁ ପିତର ସେମାନଙ୍କୁ କହିଲେ, ''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବ ।'' (ପ୍ରେରିତ ୨:୩୭, ୩୮) ପ୍ରେରିତମାନେ ସେମାନଙ୍କୁ ନୂତନ ଜନ୍ମର ମାର୍ଗରେ କଢ଼ାଇ ନେଲେ ଏବଂ ସେଦିନ ସେମାନଙ୍କ ମଧ୍ୟରୁ ତିନି ସହସ୍ର ଲୋକ ବାପ୍ତିଜିତ ହୋଇ ଈଶ୍ୱରଙ୍କ ରାଜ୍ୟରେ ନୂତନ ଜନ୍ମ ନେଇଥିଲେ । ଏହି ଘଟଣାର କିଛି ବର୍ଷ ପରେ, ପନ୍ତ, ଗାଲାତିଆ, କାପ୍ପାଦକିଆ, ଆସିଆ ଓ ବୀଥିନିଆରେ ଛିନ୍ନଭିନ୍ନ ଖ୍ରୀଷ୍ଟିୟାନମାନଙ୍କୁ ପିତର ''ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନଃଜାତ ହୋଇଅଛ'' ବୋଲି କହନ୍ତି, ଏମାନଙ୍କ ମଧ୍ୟରୁ ଅନେକ ପେଣ୍ଟିକଷ୍ଟ ଦିନରେ ପିତରଙ୍କ ପ୍ରଚାରିତ ପ୍ରସଙ୍ଗ ଦ୍ୱାରା ଈଶ୍ୱରଙ୍କ ରାଜ୍ୟର ବୀଜ ବପନ ହୋଇଥିଲା ଏବଂ ଶ୍ରବଣ କରି ବିଶ୍ୱାସ କରିବା ଲୋକଙ୍କ ହୃଦୟରେ ଅଙ୍କୁରିତ ହୋଇଥିଲା । ଆପଣା ଆପଣା ଆତ୍ମାର ତ୍ରାଣ ନିମନ୍ତେ ଶ୍ରଦ୍ଧା ବହିବା ପ୍ରତ୍ୟେକ ସେଦିନ ବାପ୍ତିଜିତ ହୋଇ ମଣ୍ଡଳୀରେ ପ୍ରଭୁଙ୍କ ଦ୍ୱାରା ସଂଯୁକ୍ତ କରାଗଲେ । (ପ୍ରେରିତ ୨:୪୭) ଏହିପରି ଭାବେ ସେମାନେ ଈଶ୍ୱରଙ୍କ ରାଜ୍ୟର ସଭ୍ୟ ହେବାର ଅଧିକାର ପାଇଥିଲେ । ଯେଉଁ କ୍ରିୟା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିଥାଏ, ସେହି କ୍ରିୟା (ବାପ୍ତିସ୍ମ) ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ କରାଯାନ୍ତି । ଈଶ୍ୱରଙ୍କ ପରିବାରର ସଭ୍ୟ (୧ମ ତୀମଥି ୩:୧୫) ନହୋଇ କେହି ନୂତନ ସୃଷ୍ଟି ହୋଇପାରେ ନାହିଁ । ପେଣ୍ଟିକଷ୍ଟ ଦିନରେ ପରିବର୍ତ୍ତିତ ତିନି ସହସ୍ର ଯିହୂଦୀ ଜନତା ନୂତନ ଜନ୍ମର ପ୍ରଥମ ଉଦାହରଣ ।

(୨) ଫିଲିପଙ୍କ ପ୍ରଚାରରେ ପରିବର୍ତ୍ତିତ ଶମରୋଣୀୟମାନେ ନୂତନ ଜନ୍ମର ଅନ୍ୟ ଏକ ଉଦାହରଣ । ଫିଲିପ ପବିତ୍ର ଆତ୍ମାଙ୍କ ଚାଳନାରେ ଶମରୋଣୀରେ ଈଶ୍ୱରଙ୍କ ରାଜ୍ୟର ବୀଜ ବପନ କରିଥିଲେ । ଅନେକେ ତାହା ବିଶ୍ୱାସ କରି ବାପ୍ତିଜିତ ହୋଇଥିଲେ ଏବଂ ଜଳରୁ ଓ ଆତ୍ମାରୁ ପୁନଃର୍ଜାତ ହୋଇଥିଲେ ।

(୩) କୁଶଦେଶୀୟ ନପୁଂସକ ସୁସମାଚାରରେ ବିଶ୍ୱାସ କରି, ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି ଡୁବିତ ହୋଇଥିଲେ । (ପ୍ରେରିତ

୮:୨୬-୩୯) ଜୀବନରେ ନୂତନ ଭାବେ ଆଚରଣ କରିବା ନିମନ୍ତେ ସେ ଜଳ ସମାଧିରୁ ଉତ୍ଥିତ ହୋଇ ଆନନ୍ଦରେ ଆପଣା ପଥରେ ବାହୁଡ଼ି ଗଲେ କାରଣ ସେ ନୂତନ ଜନ୍ମ ପ୍ରାପ୍ତ ହେଲେ । (ପ୍ରେରିତ ୮:୨୬-୩୯)

(୪) କରିନ୍ଥୀୟମାନଙ୍କ ନୂତନ ଜନ୍ମ ବିଷୟରେ ବାକ୍ୟ କହେ, ''.........ଆଉ କରିନ୍ଥୀୟମାନଙ୍କ ମଧ୍ୟରୁ ଅନେକେ ଶୁଣି ବିଶ୍ୱାସ କରିବାକୁ ଲାଗିଲେ ଓ ବାପ୍ତିଜିତ ହେଲେ ।'' (ପ୍ରେରିତ ୧୮:୮)

ଯୋହନ ୩:୧-୮ ରେ ଲିଖିତ ପୁନଃଜନ୍ମ ବିଷୟଙ୍କ ଖ୍ରୀଷ୍ଟଙ୍କ କଥାର ମର୍ମ ଉପରୋକ୍ତ ଉଦାହରଣ ଦ୍ୱାରା ସରଳଭାବେ ବୁଝିପାରିବା । ପ୍ରେରିତମାନଙ୍କ ଶିକ୍ଷାର ସାରାଂଶ ମଧ୍ୟ ପୁନଃଜନ୍ମ ବିଷୟରେ ବୋଲି ବାକ୍ୟ ଗୁଡ଼ିକ ସୁସ୍ପଷ୍ଟ କରେ । ଅତଏବ, ବାକ୍ୟ ଶ୍ରବଣ, ବିଶ୍ୱାସ, ମନ ପରିବର୍ତ୍ତନ ଓ ବାପ୍ତିସ୍ମର ଦ୍ୱାରା ମନୁଷ୍ୟ ଜଳ ଓ ଆତ୍ମାରୁ ଜନ୍ମ ହୋଇ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିଥାଏ ।

## (୬) ସମାଭାବାପନ୍ନ ବାକ୍ୟ :

ତା' କେବଳ ନୁହେଁ, ପୁନଃଜନ୍ମର ସମାଭାବାପନ୍ନ କୋତୋଟି ବାକ୍ୟ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ ।

(୧) ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ ବିଷୟରେ ଖ୍ରୀଷ୍ଟ କହନ୍ତି :-

କ) ଜଳ ଓ ଆତ୍ମାରୁ ଜାତ = ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ (ଯୋହନ ୩:୫)

ଖ) ପରିବର୍ତ୍ତିତ ହୁଅ = ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ (ମାଥିଉ ୧୮:୩)

ଗ) ଈଶ୍ୱରଙ୍କ ଇଚ୍ଛା/ସମାଧାନ କର = ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ (ମାଥିଉ ୭:୨୧)

''ଜଳ ଓ ଆତ୍ମାରୁ ଜନ୍ମ'', ''ପରିବର୍ତ୍ତନ'', ''ଈଶ୍ୱରଙ୍କ ଇଚ୍ଛା ସାଧନ'' ଏହି ପଦଗୁଡ଼ିକ ସମାଭାବାପନ୍ନ ପଦ ଅଟେ । ଏହାର ପ୍ରତିଫଳ - ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ । ଈଶ୍ୱରଙ୍କ ଇଚ୍ଛା ସାଧନ ବିନୁ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ ।

(୨) ମାର୍କ ୧୬:୧୫, ୧୬ ପଦଗୁଡ଼ିକ ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତ ଆତ୍ମା ନୂତନ ଜନ୍ମ ବିଷୟରେ ଆହୁରି ସରଳଭାବେ ବୁଝାଇ ଦିଏ । ଯାହା କହେ, ''.......... ତୁମ୍ଭେମାନେ



ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତ ନିକଟରେ ସୁସମାଚାର ଘୋଷଣା କର ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତିଗତ ସୁସମାଚାର ପ୍ରଚାର ସମୟରେ ଈଶ୍ୱରଙ୍କ ରାଜ୍ୟର ସୂତ୍ର ଉପଦେଶ ମାଧ୍ୟମରେ ଦେଉଥିଲେ, କିନ୍ତୁ ଉତ୍ଥିତ ହେବା ପରେ ଆଉ ଉପଦେଶ ମାଧ୍ୟମରେ କଥା ନ କହି ପ୍ରତ୍ୟକ୍ଷଭାବେ ଆଜ୍ଞା ଦେଲେ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରଭୁଯୀଶୁ ନୀକଦୀମଙ୍କୁ ଯେଉଁ ପାହାଚଗୁଡ଼ିକ ଆବଶ୍ୟକ ବୋଲି ବ୍ୟକ୍ତ କରିଥିଲେ, ତାହାଙ୍କ ସ୍ୱର୍ଗାରୋହଣ ପୂର୍ବେ ତାହା ପୁନଃରାବୃତ୍ତି କରିଥିଲେ । ଯୋହନ ୩:୫ ଓ ମାର୍କ ୧୬:୧୬ରେ ବ୍ୟକ୍ତ ତାହାଙ୍କ ଆଜ୍ଞାଗୁଡ଼ିକ ଏକ ଓ ସମାନ ଅଟେ ।

(୩) ଏହି ବିଷୟବସ୍ତୁ ଉପରେ ଖ୍ରୀଷ୍ଟ ଓ ପ୍ରେରିତ ପାଉଲଙ୍କ ମତ ଖ୍ରୀଷ୍ଟ :- ''ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।'' (ଯୋହନ ୩:୫) ପାଉଲ : ''ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି.....'' (ଏଫିସୀ ୫:୨୬) ''ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ପୁନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରି ଅଛନ୍ତି ।'' (ତିତସ ୩:୫) । ଉପରୋକ୍ତ ବାକ୍ୟଗୁଡ଼ିକର ସାମନ୍ତରିକତା :-

| ଯୋହନ ୩:୫ | ଏଫିସୀ ୫:୨୬ | ତିତସ ୩:୫ |
| --- | --- | --- |
| ୧. ଜଳରୁ ଜନ୍ମ | ୧. ଜଳ ପ୍ରକ୍ଷାଳନ | ୧. ପୁର୍ନଜନ୍ମର ପ୍ରକ୍ଷାଳନ |
| ୨. ଆତ୍ମାରୁ ଜନ୍ମ | ୨. ବାକ୍ୟଦ୍ୱାରା | ୨. ପବିତ୍ର ଆତ୍ମାଙ୍କ ନୂତନୀକରଣ |
| ୩. ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ | ୩. ପରିଷ୍କାର | ୩. ପରିତ୍ରାଣ ପ୍ରାପ୍ତ |

ବାକ୍ୟରେ ଜଳ ପ୍ରକ୍ଷାଳନ ଦ୍ୱାରା ବିଶ୍ୱାସୀ ଧୌତ ହୁଏ । ଜଳ ପ୍ରକ୍ଷାଳନର ଅର୍ଥ ବାପ୍ତିସ୍ମ (ଏବ୍ରୀ ୧୦:୨୨ ଓ ପ୍ରେରିତ ୨୨:୧୬) ପୁନର୍ଜନ୍ମର ପ୍ରକ୍ଷାଳନର ଅର୍ଥ ମଧ୍ୟ ବାପ୍ତିସ୍ମ ଅଟେ । ସଂକ୍ଷିପ୍ତଭାବେ ଏହି ପଦଗୁଡ଼ିକ ବିଶ୍ୱାସରେ ଆଜ୍ଞାବହ

ବାପ୍ତିସ୍ମ ଦ୍ୱାରା ପରିତ୍ରାଣ ପାଏ ବୋଲି ଶିକ୍ଷା ଦିଏ ।

ନୂତନ ଜନ୍ମ ଅର୍ଥାତ୍ ପୂର୍ନଜନ୍ମର ପ୍ରକ୍ଷାଳନ କିମ୍ବା ଆତ୍ମିକ ଜୀବନର ପ୍ରାରମ୍ଭ । ବିଶ୍ୱାସ, ମନ ପରବର୍ତ୍ତନ, ସ୍ୱୀକାର, ବାପ୍ତିସ୍ମ ଏହି ପାହାଚଗୁଡ଼ିକ ଏହି କ୍ରିୟାର ଅନ୍ତର୍ଭୁକ୍ତ । 'ପବିତ୍ର ଆତ୍ମାରେ ନୂତନୀକରଣ' ର ଅର୍ଥ ସତ୍ୟବାକ୍ୟ ଦ୍ୱାରା ମନୁଷ୍ୟ ହୃଦୟରେ ଜାତ ବିଶ୍ୱାସ । କେବଳ ବିଶ୍ୱାସ ନୂତନ ଜନ୍ମର ସାରାଂଶ ନୁହେଁ, ବାପ୍ତିସ୍ମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଅତଏବ କେବଳ ବିଶ୍ୱାସ କିମ୍ବା ବାପ୍ତିଜିତ ପ୍ରତ୍ୟେକ ନୂତନ ଜନ୍ମ ପ୍ରାପ୍ତ ଅଟନ୍ତି ।

ଅବିଶ୍ୱାସୀ କିମ୍ବା ବିଶ୍ୱାସ କରିବାରେ ଅକ୍ଷମମାନଙ୍କୁ ବାପ୍ତିସ୍ମ ଦେବା ନିମନ୍ତେ ନୂତନ ନିୟମର ବାପ୍ତିସ୍ମ ନୁହେଁ । କାରଣ ବାପ୍ତିସ୍ମ କେବଳ ଏକ ଶାରିରୀକ କ୍ରିୟା କର୍ମ ନୁହେଁ । ତାହା ହୃଦୟପୂର୍ବକ ପାଳନ କରିବା ଆବଶ୍ୟକ । ବିଶ୍ୱାସକରିବା ଅକ୍ଷମ ଶିଶୁମାନେ ବାପ୍ତିଜିତ ହୋଇପାରନ୍ତି ନାହିଁ । ନିଷ୍ପାପୀ ଶିଶୁମାନେ ଖ୍ରୀଷ୍ଟଙ୍କ ନିୟମାଧିନ ନୁହଁନ୍ତି । ମାଥିଉ ୨୮:୧୯, ୨୦ ପଦାନୁଯାୟୀ ବାପ୍ତିଜିତହୋଇ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ପୂର୍ବରୁ ପ୍ରତ୍ୟେକ ତାହାଙ୍କ ବାକ୍ୟ ଦ୍ୱାରା ଶିକ୍ଷିତ ହେବା ସଙ୍ଗେ ସଙ୍ଗେ ବାପ୍ତିଜିତ ହେବା ପରେ ଈଶ୍ୱରଙ୍କ ବାକ୍ୟରେ ସୁଶିକ୍ଷିତ ହେବା ଆବଶ୍ୟକ । (ଯୋହନ ୬:୪୫) ବିଶ୍ୱାସ ଦ୍ୱାରା ଆମ୍ଭେମାନେ ମଣ୍ଡଳୀର ସଭ୍ୟ ହେବାରେ ସୁଯୋଗ ପାଉ । (ଗାଲାତି ୩:୨୬, ୨୭) ।

(୩) ତାହାଙ୍କ ବାକ୍ୟରେ ବିଶ୍ୱାସ କରି ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଗ୍ରହଣକାରୀମାନେ ନୂତନ ଜନ୍ମ ପ୍ରାପ୍ତ ହୁଅନ୍ତି ।

(୪) ବାପ୍ତିଜିତ ହେବା ପତ୍ୟେକ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି, ଈଶ୍ୱରଙ୍କ ରାଜ୍ୟ ତଥା ତାହାଙ୍କ ପରିବାରରେ ଭୁକ୍ତ ହୁଅନ୍ତି ।

(୫) ଅତଏବ, ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି ବାପ୍ତିଜିତ ନ ହେଲେ କେହି ଖ୍ରୀଷ୍ଟିୟାନ ହୋଇପାରେ ନାହିଁ ।



''ପୁନଃଜନ୍ମର ପ୍ରକ୍ଷାଳନ'' ଅର୍ଥାତ୍ ବାପ୍ତିସ୍ମ ମନୁଷ୍ୟର ଧାର୍ମିକତା ଦ୍ୱାରା ସାଧିତ ନ ହୋଇ ଈଶ୍ୱରଙ୍କ ଧାର୍ମିକତା ଦ୍ୱାରା ସାଧିତ ହୁଏ । (ମାଥିଉ ୩:୧୫, ରୋମୀୟ ୧:୧୬:୧୭, ୧୦:୧-୩, ପ୍ରେରିତ ୧୦:୩୪, ୩୫; ୩:୧୫, ରୋମୀୟ ୧:୧୬, ୧୬, ୧୦:୧-୩, ପ୍ରେରିତ ୧୦:୩୪, ୩୫; ଗୀତ ୧୧୯:୧୭୨; ଯିଶାଇୟ ୬୪:୬; ଯୋହନ ୬:୨୮, ୨୯) । ବିଶ୍ୱାସରେ କିମ୍ବା ବାପ୍ତିସ୍ମରେ କୌଣସି ରହସ୍ୟମୟ ଶକ୍ତି ନାହିଁ, କିନ୍ତୁ ଈଶ୍ୱରଙ୍କ ଆଜ୍ଞାପାଳନ ହିଁ ସାର ''ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୮,୯)

ନୂତନ ଜନ୍ମ ନ ନେଇ ମଣ୍ଡଳୀ ଉପାସନାରେ ଯୋଗ ଦେଉଥିବା ପ୍ରତ୍ୟେକ ମଣ୍ଡଳୀରେ ସଂଯୁକ୍ତ ନୁହଁନ୍ତି । ଯେହେତୁ ପ୍ରଭୁ କହନ୍ତି, ''.............ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।'' (ଯୋହନ ୩:୫)

## (୭) ସାରାଂଶ :

(୧) ଜଳରୁ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ ବୋଲି ଯୀଶୁ ନୀକଦୀମଙ୍କୁ ଜଣାଇଥିଲେ ।

(୨) ସୁସମାଚାରର ବାକ୍ୟ ଦ୍ୱାରା ଈଶ୍ୱରଙ୍କ ବୀଜ ମନୁଷ୍ୟ ହୃଦୟରେ ଅଙ୍କୁରିତ ହୁଏ ।

❋❋❋

**- Perry B. Cotham**

**Edited & Published by : Kabita & Joshua Gootam**